ଚିକ୍‌ମିକ୍ ତାରା

• ସଂପାଦନା •
ଦାଶ ବେନହୁର

Digitized by srujanika@gmail.com

ଟିକ୍‌ମିକ୍ ତାରା

ଅନୁବାଦ ଓ ସଂକଳନ :

ଦାଶ ବେନହୁର

ଅଳଂକରଣ :

ବଳଦେବ ମହାରଥୀ

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ଚିକ୍‌ମିକ୍ ତାରା

ରଚନା ଓ ସଂକଳନ :
ଦାଶ ବେନହୁର୍

ପ୍ରଥମ ପ୍ରକାଶନ : ୨୦୦୨
[ସର୍ବସ୍ୱତ୍ୱ ସଂରକ୍ଷିତ – ଦାଶ ବେନହୁର]

ପ୍ରକାଶକ : ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ମୁଦ୍ରକ : ତପନ କୁମାର ମହାପାତ୍ର
ଅପ୍‌ଟିମା ଅଫ୍‌ସେଟ୍ ପ୍ରିଣ୍ଟସ୍,
ସୂତାହାଟ, କଟକ-୧
ଫୋନ୍ : (୦୬୭୧) ୬୨୫୧୪୮

ମୂଲ୍ୟ : ଟ. ୨୦.୦୦

Digitized by srujanika@gmail.com

କଥା ପଦେ

ଛନ୍ଦ ବା ତାଳଯୁକ୍ତ ଗୀତ ପିଲାମାନଙ୍କୁ ଖୁବ୍ ଭଲଲାଗେ । ସେଇ କାରଣରୁ ଅର୍ଥ ନ ଥାଇ କେବଳ ଛନ୍ଦରେ ବୋଲି ହେଉଥିବା ନାନାବାୟା ଗୀତ ମଧ ସେମାନେ ଗାଇବାକୁ ଭଲପାଆନ୍ତି । ଛୋଟ ପିଲାଙ୍କ ଭିତରେ ଏଇ ଆନନ୍ଦମୟ ଆଗ୍ରହଟିକୁ ବଞ୍ଚାଇ ରଖିବାପାଇଁ, ସାନବେଳୁ ସେମାନଙ୍କୁ ନାନାବାୟା ଗୀତ ଶିଖାଇବା ଓ ପଢ଼ାଇବା ଆବଶ୍ୟକ । ପିଲାମାନେ ନାଚି, କୁଦି, ହାତତାଳି ଦେଇ ଏଭଳି ଗୀତ ଗାଇ ଆନନ୍ଦ ପାଇଥାନ୍ତି ।

ମାତ୍ର ସେମାନଙ୍କ ପାଇଁ ଗୀତ ବାଛିଲାବେଳେ ବା ଲେଖିଲା ବେଳେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ । ପିଲାମାନଙ୍କ ପରିଚିତ ପରିସରର ବସ୍ତୁ ଓ ଶବ୍ଦକୁ ନେଇ ଗୀତ ଲିଖିତ ହେବା ଦରକାର । ତେବେ ଯାଇ ସେଗୁଡ଼ିକ ଶିଶୁର ଆନନ୍ଦ ଓ ଭାବର ବିକାଶରେ ସହାୟକ ହୋଇପାରିବେ ।

ଏ ସଂକଳନ ପାଇଁ ବଛାହୋଇ ଅନୂଦିତ ହୋଇଥିବା ଗୀତସବୁ ମୂଳତଃ ବିଭିନ୍ନ ଇଂରେଜି କବିଙ୍କ ଦ୍ୱାରା ଲିଖିତ । ଇଂରେଜିରେ ଲିଖିତ ଅନେକ ଭାବବସ୍ତୁ ଆମ ଭାରତୀୟ ପିଲାଙ୍କ ପାଇଁ ଅବୋଧ୍ୟ କହିଲେ ଚଳେ । ତେବେ ଯେଉଁ ଗୀତଗୁଡ଼ିକରେ ଏକ ସାର୍ବଜନୀନ ଆବେଦନ ଅଛି ଓ ଯେଉଁଗୁଡ଼ିକ ସାରା ପୃଥିବୀର ପିଲାଙ୍କର ପ୍ରିୟ ବିଷୟବସ୍ତୁକୁ ନେଇ ରଚିତ, ସେଭଳି କେତୋଟି ଗୀତକୁ ଆମେ ଏଥିରେ ସ୍ଥାନ ଦେଇଛୁ ।

ଆଶାକରୁ ଏ ଗୀତଗୁଡ଼ିକ ପିଲାମାନଙ୍କୁ ବେଶ୍ ଭଲଲାଗିବ ।

ଦାଶ ବେନହୁର୍

Digitized by srujanika@gmail.com

ଏଥିରେ ଅଛି –

	ପୃଷ୍ଠା
୧ । ଚିକ୍‌ମିକ୍ ତାରା	୫
୨ । ପୁଷି ବିଲେଇ	୬
୩ । କାମ ବେଳେ କାମ	୭
୪ । ଦୀପାଳିଟିଏ ହୋଇ	୮
୫ । ବରଷା ଗୋ ବରଷା !	୯
୬ । ପୁଷି କହଇ...	୧୦
୭ । ଏକ, ଦୁଇ	୧୧
୮ । ସୂର୍ଯ୍ୟ ଉଠେ	୧୨
୯ । ଦିନେ ମୁଁ ଦେଖିଲି ଟିକି ଚଢ଼େଇ	୧୩
୧୦ । ଦୁଇ ସାନହାତୁ ବାଜୁଛି ତାଳି	୧୪
୧୧ । ଗଧରେ ଗଧ !	୧୫
୧୨ । ଚିରା କାଗଜ	୧୬
୧୩ । ଟିକ୍ ଟକ୍ ଟିକ୍ ଟକ୍	୧୭
୧୪ । ନଉକା ଚଳା	୧୮
୧୫ । ସର୍କସ୍	୧୯
୧୬ । ହାତୁହାତ ପେନ୍‌ସିଲ	୨୦
୧୭ । କୁକୁର ଓ ବେଙ୍ଗୁଲୀ	୨୧
୧୮ । ମୂଷାପଲ	୨୨
୧୯ । ତିରିଶଦିନିଆ ସେପ୍‌ଟେମ୍ବର	୨୩
୨୦ । ସଅଳ ଶୁଅ, ସଅଳ ଉଠ	୨୪
୨୧ । ମୋ' ଗୁଡ଼ି	୨୫
୨୨ । ଗୀତଟିଏ	୨୬
୨୩ । ରାତି ହେଲେ	୨୭
୨୪ । ପବନ	୨୮
୨୫ । ଏଇ କଥାଟି ମାନ	୨୯
୨୬ । ବସି ମୁଁ ଭାବେ	୩୦
୨୭ । ଟିକି ଗଛଟି	୩୧
୨୮ । ବସି ବସି ମୁଁ ଚାହେଁ	୩୨

Digitized by srujanika@gmail.com



ଟିକ୍‌ମିକ୍ ତାରା

ଟିକ୍‌ମିକ୍ ଟିକ୍‌ମିକ୍
ଟିକ୍‌ମିକ୍ ତାରା,
କିଏ ତୁହି ଜାଣିବାକୁ
ଭାବେ ରାତି ସାରା ।
ତୁ' ଥାଉ ଏତେ ଦୂରେ
ଏତେ ତଳେ ଧରା,
ଝଟକୁ ତୁ ଆକାଶରେ
ସତେ ଅବା ହୀରା ।
ରୁପାଫୁଲ ଆଲୁଅରେ
ଦେହ ତୋର ଭରା,
ଲୁଚିଯାଉ କହ କେଣେ
ଆସେ ଯେବେ ଖରା ।

ଟିକ୍‌ମିକ୍ ଟିକ୍‌ମିକ୍
ଟିକ୍‌ମିକ୍ ତାରା,
ଟିକ୍‌ମିକ୍ ଟିକ୍‌ମିକ୍
ଟିକ୍‌ମିକ୍ ହୀରା ।

Digitized by srujanika@gmail.com

ପୁଷି ବିଲେଇ

ପୁଷି ବିଲେଇ ମୋ
ବଡ଼ ଗେଲେଇ
ରୁମୁରୁମିଆ ଦେହ;
ଆଦର କଲେ
ଗେଲେଇ ହୁଏ
ଅଜାଡ଼ି ଦିଏ ସ୍ନେହ ।
ମାଛ ପାଇଁକି
ମିଆଉଁ ଡାକେ
ଦୁଧ ପାଇଁକି ଅଳି,
ରୁଷିଲେ ସିଏ
ବସଇ ଲୁଚି
ଏଠେଇ ସେଠି ଗଳି ।

Digitized by srujanika@gmail.com

କାମ ବେଳେ କାମ

କାମ ବେଳେ କାମ କର
ଖେଳ ବେଳେ ଖେଳ,
ସୁଖ ଆଉ ସଫଳତା
ଆପେ ହେବେ ମେଳ ।
ଯାହା ତୁମେ ଯେବେ କର
ପୂରା ଦିଅ ମନ,
ଅଧାଡୁଆ କାମ କଲେ
ବଡ଼ ହୀନିମାନ ।

Digitized by srujanika@gmail.com

ଦୀପାଳିଟିଏ ହୋଇ

ଦେଖ ଗୋ ମାଆ ଜହ୍ନ ମାମୁ
ଦୂର ଆକାଶେ ଥାଇ;
କେତେ ଧବଳ ଜୋଛନା ଢାଳେ
ଦୀପାଳିଟିଏ ହୋଇ ।
ଏଇ ସେ ଦିନ ଦିଶୁଥିଲା ସେ
ଧନୁ ପରିକା ସରୁ;
କେଇଟା ଦିନେ ଠଅ ପରିକା
ଦିଶଇ ଗୋଲ୍ ଗରୁ ।

Digitized by srujanika@gmail.com

ବରଷା ଗୋ ବରଷା !

ବରଷା ଗୋ ବରଷା
ଯାଅ ଆଜି ପଳାଇ,
ଆଉ ଦିନେ ଆସିବ
ଦିନ କେତେ ଟଳାଇ ।
କୁନା ମନ ତିନ୍ତିବାକୁ
ନ ପାରେ ମୁଁ ଭୁଲାଇ,
ବରଷା ଗୋ ବରଷା
ଯାଅ ଆଜି ପଳାଇ ।

Digitized by srujanika@gmail.com

ପୁଷି କହଇ...

ପୁଷି କହଇ
ମ୍ୟାଉଁ ... ମ୍ୟାଉଁ ...
କୁକୁର ଭୋଓ ... ଭୁକେ;
ଗଧ ଛାଡ଼ଇ
ଭେଏଁକା ରଡ଼ି
କାଉ ଟା କାଆ ... ଡାକେ ।
ହଅ ... ଡ଼ି...ଡ଼ି
ଡାକଇ ଚାଷୀ
ଟେକି ପାଞ୍ଚଣ ବାଡ଼ି;
ଗୁହାଳେ ଥାଇ
ଛାଡ଼ଇ ଗାଈ
ହମ୍ବା ହମ୍ବା ରଡ଼ି ।

Digitized by srujanika@gmail.com

ଏକ, ଦୁଇ

ଏକ, ଦୁଇ,
ଜୋତା ମୁଁ ପିନ୍ଧିବି
ଜାପେଣି ଦେଇ,
ତିନି, ଚାରି,
ଡାକ ଯାଇ ହାତ
କବାଟେ ମାରି,
ପାଞ୍ଚ, ଛଅ,
କାଠି ଯେତେ ସବୁ
ଉଠେଇ ନିଅ,
ସାତ, ଆଠ,
ସଳଖରେ ଥୁଅ
ଗୋଛାକ କାଠ,
ନଅ, ଦଶ,
କୁକୁଡ଼ା ଡାକଇ
ସୂରୁଯ ଆସ ।

Digitized by srujanika@gmail.com

ସୂରୁଯ ଉଠେ



ସକାଳ ପାହିଲେ ନିଦ ଭାଜି ଗଲେ
ଯେବେ ମୁଁ ଚାହେଁ,
ପୂରୁବ ଆକାଶେ ନାଲିଆ ଗୋଲ୍
ସୂରୁଯ ଉଏଁ ।

ରାତିରେ ସେମିତି ଯେତେବେଳେ ମୁଁ
ଶେଯକୁ ଯାଏ,
ରୁପାଥାଳି ପରି ଜହ୍ନ ଆସି
ଆକାଶେ ଥାଏ ।

Digitized by srujanika@gmail.com

ଦିନେ ମୁଁ ଦେଖିଲି ଟିକି ଚଢ଼େଇ

ଦିନେ ମୁଁ ଦେଖିଲି ଟିକି ଚଢ଼େଇ,
ଡେଇଁ ଡେଇଁ କରି ଯାଉଛି ଧାଇଁ;
ପାଟି କରି ମୁହିଁ ଡାକିଲି ତାକୁ,— ହେଇ,
ରହ ରହ ଟିକେ ଟିକି ଚଢ଼େଇ ।

ତା ଗୀତ ଶୁଣିବି ଭାବିଲି ମୁହିଁ
କେତେ ମନକରି ରହିଲି ଚାହିଁ;
ହେଲେ କି ହେବ ଲାଂଜ ହଲାଇ ସେ
ଫୁର୍‌କିନା ଉଡ଼ି ଗଲା ପଳାଇ ।

ଦୁଇ ସାନ ହାତୁ ବାଜୁଛି ତାଳି

ଦୁଇ ସାନହାତୁ
ବାଜୁଛି ତାଳି
ତାକ୍ ତାକ୍ ତାକ୍;
ଦୁଇ ଛୋଟ ଗୋଡୁ
ଶୁଭୁଛି ଦେଖ
ଠାପ୍ ଠାପ୍ ଠାପ୍ ।
ଦୁଇ ସାନ ଆଖି ଦି'ଫାଳ ହେଇ
ଦିଶେ ବଡ଼ ବଡ଼;
ମୁଣ୍ଡ ଏକ ସିନା ହଲୁଛି ଦେଖ
ଏକଡୁ ସେ କଡ଼ ।

Digitized by srujanika@gmail.com

ଗଧରେ ଗଧ !

ଗଧରେ ଗଧ ତୁ ହେଲୁଣି ବୁଢ଼ା,
ଧୂସର ରଙ୍ଗରେ ଦେହଟି ଗଢ଼ା,
ଯେତେବେଳେ ଟେକି ମୁହଁ;
କାନ ଟେକିଦେଇ ଛାଡୁ ତୁ ରାବ,
ହସନ୍ତି ସଭିଏଁ ତୋ' ରଡ଼ି ଶୁଣି
ଲାଜ କି ଲାଗେନା କହ ?

Digitized by srujanika@gmail.com

ଚିରା କାଗଜ

ଚିରା କାଗଜ,
ଛିଣ୍ଡା କାଗଜ,
ପଡ଼ିଛି ସବୁଆଡ଼େ,
ଉଡୁଛି ଚାରିଆଡ଼େ,
ଗୋଟେଇ ନିଅ,
ଓଳେଇ ଦିଅ,
ପକାଅ ଦୂରେ ନେଇ,
ହରଷେ ଗୀତ ଗାଇ ।

Digitized by srujanika@gmail.com

ଟିକ୍... ଟକ୍... ଟିକ୍... ଟକ୍

ଟିକ୍ ଟକ୍ ଟିକ୍ ଟକ୍
　　ଘଡ଼ି ନିତି ଚାଲଇ,
ପାଠ ପାଇଁ ଖେଳ ପାଇଁ
　　ବେଳ ଦିଏ ଚେତାଇ
କେବେ ନାହିଁ ବିରାମ;
　　ଟିକ୍ ଟକ୍ ଟିକ୍ ଟକ୍
　　ଜାଣେନା ସେ ଆରାମ ।

Digitized by srujanika@gmail.com

ନଉକା ଚଲା

ନଉକା ଚଲା ନଉକା ଚଲା,
ସୁଅର ଧାରେ ଧାରେ;
ଆମ ଜୀବନ ସପନ ଭରା
ନାଆରେ ଯିବା ଦୂରେ ।
ଦୂର ରାଇଜେ ଦେଖି ଆସିବା
କୁହୁକ ଭରା ଭୂଇଁ,
ଯେଉଁଠି ଘର ତୋଳିଛି ଟୁଆଁ
ଗୀତ ଗାଉଛି ଟୁଇଁ ।

Digitized by srujanika@gmail.com

ସର୍କସ୍

ଲଇଁପଡ଼ି ହାତ ନେଇ ଛୁଅଁ ଏବେ ତଳକୁ,
ଦେଖ ଏବେ ଛୁଇଁଛି କି ପାଦ ଟିପ ମୂଳକୁ ?

ଘିରିଘିରି ଘିରିଘିରି ହାତ ତୁମ ବୁଲାଇ,
ସର୍କସର ଖେଳ ତୁମେ ପାରିବ କି ତୁଲାଇ ?

Digitized by srujanika@gmail.com

ହାତୁ ହାତ ପେନ୍‌ସିଲ୍

ହାତୁହାତ ପେନ୍‌ସିଲ୍ ଦିଅ ବେଗେ ଡିଆଁଇ,
ଫେରିଆସୁ ପେନ୍‌ସିଲ୍ ସବୁ ହାତ ଛୁଆଁଇ ।
ଚଟାପଟ୍ ରବରଟା ଦିଅ ଏବେ ପଠାଅ,
ଶୋଇଥିବା ପିଲାଟାକୁ ଚିମୁଟିକି ଉଠାଅ ।

Digitized by srujanika@gmail.com

କୁକୁର ଓ ବେଙ୍ଗୁଲୀ

ମୁହଁଟି ଟେକି ବେଙ୍ଗୁଲୀ ନାନୀ
କାଠଗଡ଼ର ତଳରେ,
ବସିଛି ସିନା ପାରୁନି ଆସି
କୁକୁର ଭାଇ ଡରରେ ।

କୁକୁର କହେ ଭୋଓ ଭୋଓ
ବେଙ୍ଗୁଲୀ ମତେ ଡରନା,
ଛୁଇଁବିନି ମୁଁ ବାହାରି ଆ'—
ମିଛେ ଗହଳି କରନା ।
ଜୀବଜଗତେ ମୋ'ଠୁ ବଳି
ବିଶ୍ୱାସୀ କେହି ନାହିଁ,
କହୁଛି ସତ, ଆ- ବାହାରି
ରହିଛୁ କ'ଣ ଚାହିଁ !

Digitized by srujanika@gmail.com

ମୂଷାପଲ

ମୂଷାମାନେ ଗାତରେ, ଦିନସାରା ଭିତରେ,
ରାତି ଯେବେ ଆସଇ, ଖେଳ ମେଳା ବସଇ ।
ଯେ' ଯାହାର ବାହାରେ, ଡରନାହିଁ କାହାରେ,
ଡିଆଁ କୁଦା ଚାଲଇ, ମନ କେତେ ଫୁଲଇ ।

ଏତେବେଳେ ବିଲେଇ ଦେଲେ କାହିଁ ଚିଲେଇ,
ମୂଷାପଲ ହତାଶ, ଆସିଲା କି କଟାସ,
ଆଇଲା ଲୋ ଆଇଲା, ଖାଇଲା ଲୋ ଖାଇଲା,
ମୂଷାମାନେ ଖସିଲେ, ଯେ ଯୁଆଡ଼େ ପଶିଲେ ।

Digitized by srujanika@gmail.com

ତିରିଶଦିନିଆ ସେପ୍‌ଟେମ୍ବର

ସେପ୍‌ଟେମ୍ବର,
ଅପ୍ରେଲ୍, ଜୁନ୍, ନଭେମ୍ବର,
ମାସକେ ତିରିଶ ଦିନ;
ଅଠେଇଶିଆ, ଫେବ୍ରୁଆରିଟା,
ତେଣୁ ସେ ଲାଗେ ହୀନ ।

ବାକି ସବୁ ମାସ ଏକ୍‌ତିରିଶା
ଡିଆଁ ବରଷ ଛାଡ଼ି;
ସେଇ ବରଷ ଫେବ୍ରୁଆରିଟା
ଦିନଟେ ଯାଏ ବଢ଼ି ।

Digitized by srujanika@gmail.com

ସଅଳ ଶୁଅ, ସଅଳ ଉଠ

ସକାଳ ହେଲେ କୁକୁଡ଼ା ଡାକେ
କହେ ସେ ଉଠଉଠ;
ନହେଲେ ବୋକା ହେବରେ ସବୁ
କରିବ ଯଦି ମଠ ।

ସଅଳ ଶୁଏ, ସଅଳ ଉଠେ
ନିଇତି ପ୍ରତି ଯିଏ,
ନିରୋଗ ଦେହ ବଢ଼ିଆ ପାଠ
ସହଜେ ପାଏ ସିଏ ।

Digitized by srujanika@gmail.com

ମୋ' ଗୁଡ଼ି

ହେଇ ମୋ' ଗୁଡ଼ି,
ଦୂର ଆକାଶରେ
ଖେଳୁଛି ଉଡ଼ି,
ବେଲକେ ଯାଉଛି ହଜି;

ମନେ ମୁଁ ହେଜେ,
ଉଚ୍ଚ ଆକାଶରେ
କଅଣ ଖୋଜେ
କି' କାମେ ଥାଏ ସେ ମଜି ।

Digitized by srujanika@gmail.com

ଗୀତଟିଏ

ଆସ ବୁଲିଯିବା ପଡ଼ିଆମାଳେ
ମହୁମାଛି ଯହିଁ ଗାଆନ୍ତି ଗୀତ;
ମେଁ...ମେଁ...ଡାକି ମେଣ୍ଢାଛୁଆମାନେ
ବୁଲୁଥାନ୍ତି ହୋଇ ହରଷ ଚିତ୍ତ ।

ଆସ ଯିବା ଭାଇ ପଡ଼ିଆମାଳେ
ଜାତିଜାତି ଯହିଁ ଚଢ଼େଇ ଦଳ;
ମିଠାମିଠା ଗୀତେ ଦିଅନ୍ତି ଭରି
ଆକାଶ ପବନ ଜଳ ଓ ଥଳ ।

Digitized by srujanika@gmail.com

ରାତି ହେଲେ ?

ସୂରୁଯ ବୁଡ଼ିଲେ
　　ଅନ୍ଧାର ଘୋଟିଲେ
ରାତି ଯେବେ ଆସେ ମାଡ଼ି,
ପାଠପଢ଼ା ସାରି
　　ଖାଇପିଇ ମୁହିଁ
ଶୋଇ ପଡ଼େ ଘୋଡ଼ିଘାଡ଼ି ।

Digitized by srujanika@gmail.com

ପବନ

କିଏ ଦେଖିଛରେ କିଏ ଦେଖିଛ
ପବନକୁ ଭାଇ ଦେଖିଛ କିଏ ?
ପତର ହଲିଲେ ଝୁଡୁରୁ ଝୁଡୁ
ଜାଣିବ ଥିଇରି ଯାଉଛି ସିଏ ।

କିଏ ଦେଖିଛରେ କିଏ ଦେଖିଛ
ପବନକୁ ଭାଇ ଦେଖିଛ କିଏ ?
ଗଛମାନେ ମଥା ନୋଇଁଲେ ଜାଣ
ତରତର ହୋଇ ଯାଉଛି ସିଏ ।

Digitized by srujanika@gmail.com

ଏଇ କଥାଟି ମାନ

ଯାହା କରିବ ଭଲ କରିବ
କରିବ ନିତି ଦିନ,
କୁନା ଓ କୁନି ଯେତେକ ଅଛ
ଏଇ କଥାଟି ମାନ ।

ଭଲକଥା କେ କହିଲେ ପଦେ
ସେଥିକୁ ଦେବ କାନ,
ପୁଅ ଓ ଝିଅ ଯେତେକ ଅଛ
ଏଇ କଥାଟି ମାନ ।

Digitized by srujanika@gmail.com

ବସି ମୁଁ ଭାବେ

ବେଳେବେଳେ ଏକା ବସି ମୁଁ ଭାବେ,
ଗୁଡ଼ି ହୋଇ ଉଡ଼ି ଯାଆନ୍ତି ନଭେ ।
ପବନ ଢେଉରେ ଯାଆନ୍ତି ବସି,
କହନ୍ତି ଅବାଟେ ନ ଯିବୁ ପଶି ।

ଦୂର ଆକାଶରେ ଦେଖନ୍ତି ଥାଇ,
ନଇଟା କେମିତି ଯାଉଛି ଧାଇଁ ।
ଜାହାଜ କେମିତି ହଲି ଦୋହଲି,
ଢେଉକୁ ନ ମାନି ଯାଉଛି ଠେଲି ।
ଯାଇ ମୁଁ ଉଠନ୍ତି ଅଜଣା ଧାମ,
ଥାଆନ୍ତା ତାହାର ଅଜବ ନାମ ।

Digitized by srujanika@gmail.com

ଟିକି ଗଛଟି

କାହିଁ କେତେ ଗଭୀରେ,
ଟିକି ମଞ୍ଜି ଭିତରେ;
ଶୋଇଅଛି ଗଛଟିଏ,
କେଡ଼େ ସୁଖ ନିଦରେ ।

ଏତେବେଳେ ଆଲୋକ,
ସୂରୁଯର ଝଲକ;
ପାଣିଛିଟା ମାରି ତା'ର
ଖୋଲିଦେବ ପଲକ ।

ଧୀରେ ତାକୁ ଡାକିବ,
ଉଠବୋଲି କହିବ;
ଖରା ଡାକ ଶୁଣି ଗଛ
ନିଦ ଭାଙ୍ଗି ଚାହିଁବ ।

Digitized by srujanika@gmail.com

ବସିବସି ମୁଁ ଚାହେଁ

ନଉକା ଧାଏଁ ନଦୀ ଗରଭେ
ସାଗରେ ପୋତ ଧାଏଁ,
ବଉଦ ଯେବେ ଆକାଶେ ଧାଏଁ
ବସି ବସି ମୁଁ ଚାହେଁ ।
ଅନେକ ଥର ଦେଖି ଥିଲେ ବି
ଆଖି ପଲାଏ ଛାଏଁ,
ବଉଦ ଯେବେ ଆକାଶେ ଧାଏଁ
ବସିବସି ମୁଁ ଚାହେଁ ।

Digitized by srujanika@gmail.com

Digitized by srujanika@gmail.com